# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
# ଢେଙ୍କାନାଳ

e-mail : dkl.dipro@gmail.com
Tel. No. - (06762) 224414

ପତ୍ର ସଂଖ୍ୟା --୨୬୩------/ ଡା.--୧୬/୧୧/୨୦୨୦-

## ଢେଙ୍କାନାଳରେ ଜାତୀୟ ପ୍ରେସ ଦିବସ ପାଳିତ ।

### କୋଭିଡ ସମୟରେ ସାମ୍ବାଦିକଙ୍କ ସାବଧାନତା ଶୀର୍ଷକ ଆଲୋଚନା ଚକ୍ର

ଢେଙ୍କାନାଳ,୧୬।୧୧।୨୦୨୦: ଜାତୀୟ ପ୍ରେସ ଦିବସ ଅବସରରେ ଢେଙ୍କାନାଳ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଭର୍ଚୁଆଲ ବୈଠକ ମାଧ୍ୟମରେ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି । ଏହି ଅବସରରେ "କୋଭିଡ ସମୟରେ ସାମ୍ବାଦିକଙ୍କ ସାବଧାନତା" ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ।ଏଥିରେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ମିଶ୍ର ଯୋଗଦେଇ ଜାତୀୟ ପ୍ରେସ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅପର ପକ୍ଷରେ କୋଭିଡ ପରି ମହାମାରୀ ସମୟରେ ସାମ୍ବାଦିକତା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି ବୋଲି ପ୍ରକାଶ କରି କିପରି ସରକାରଙ୍କ ଗାଇଡ଼ ଲାଇନ ମଧ୍ୟରେ ନିଜକୁ ସୁରକ୍ଷିତ ଓ ସଚେତନ ରଖି ନିଜର ପେଶା କରିବାକୁ ସାମ୍ବାଦିକ ବନ୍ଧୁମାନଙ୍କୁ ଆହ୍ୱାନ କରିଥିଲେ।

ଜିଲା ସାମ୍ବାଦିକ ସଙ୍ଘର ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ଶ୍ରୀ କୃଷ୍ଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବକୁ ଭର୍ଚୁଆଲ ଭାବେ ପାଳନ କରାଯାଇଥିଲା । ଜିଲ୍ଲା ସାମ୍ବାଦିକ ସଙ୍ଘର ସାଧାରଣ ସମ୍ପାଦକ ପ୍ରତାପ ବରାଳ ସମସ୍ତଙ୍କୁ ସ୍ୱାଗତ କରି ଉତ୍ସବର ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଙ୍ଘର ଆଇନ ପରାମର୍ଶଦାତା ତଥା ବରିଷ୍ଠ ସାମ୍ବାଦିକ ମାନସ ରଥ,ସଙ୍ଘର ବରିଷ୍ଠ କର୍ମକର୍ତା ସଦାଶିବ ମହାପାତ୍ର, ଅମରେନ୍ଦ୍ର ଦାସ,ଗଗନ ବିହାରୀ ପଣ୍ଡା,ବ୍ରହ୍ମାନନ୍ଦ ପଟନାୟକ,ବିରଞ୍ଚି ନାରାୟଣ ସେଠ ,ସରୋଜ କର,ଶେଷଦେବ ନାୟକ,ହିମାଂଶୁ ମହାପାତ୍ର,ଲକ୍ଷ୍ମୀଧର ନାୟକ ପ୍ରମୁଖ ବକ୍ତବ୍ୟରେ ସାମ୍ପ୍ରତିକ ସ୍ଥିତିରେ ସାମ୍ବାଦିକଙ୍କ ପାଇଁ ନିର୍ଭୀକ ଓ ମିରପେକ୍ଷ ସାମ୍ବାଦିକତା ଏକ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ତଥାପି ଗଣମାଧ୍ୟମ ସୁସ୍ଥ ସମାଜର ଏକ ଦର୍ପଣ ସଦୃଶ ହୋଇଥିବାରୁ ନିରପେକ୍ଷତା ସାମ୍ବାଦିକତା କୁ ମୂଳମନ୍ତ୍ର ଭାବେ ସାମ୍ବାଦିକମାନେ ଗ୍ରହଣ କରି ବଢିବାକୁ ପଡିବ ବୋଲି ମତାମତ ଦେଇଥିଲେ । ତେବେ କୋଭିଡ ପରି ବିପତି ସମୟରେ ସାମ୍ବାଦିକତା କରିବା ବେଳେ ସରକାରଙ୍କ ନୀତି ନିୟମ ମଧ୍ୟରେ ନିଜେ ସୁରକ୍ଷିତ ରହି ଅନ୍ୟମାନଙ୍କ ସୁରକ୍ଷା ଓ ସଚେତନତା ମଧ୍ୟରେ ନିଜର ବୃତିକୁ ବଜାୟ ରଖିବାପାଇଁ ମତ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲା ସାମ୍ବାଦିକ ସଙ୍ଘର ବରିଷ୍ଠ କର୍ମକର୍ତା ତଥା ବରିଷ୍ଠ ସାମ୍ବାଦିକ ଆଭାସ ବରାଳ,ବାଇଧର ନାୟକ,ଅମୀୟ କୁମାର ଚାନ୍ଦ, ମନମୋହନ ସାହୁ, ରବିନାରାୟଣ ପତ୍ତନୟକ,ବିକ୍ରମ ସାହୁ ଓ ପ୍ରଭାତ ପୃଷ୍ଟି ସମେତ ହିନ୍ଦୋଳ ଉପଖଣ୍ଡ,କ୍ଷୀରୋଦ ଦାସ ଓ ବାଇଧର ଚାନ୍ଦ ସମେତ ଗଁନ୍ଦିଆ ବ୍ଲକ , ମିହିର ସାହୁ ,ନବକିଶୋର ସାହୁ, ପ୍ରତାପ ବେହେରା ସମେତ ଓଡ଼ପଡା ବ୍ଲକ ,ଅକ୍ଷୟ ନନ୍ଦ ,ସୌମେନ୍ଦ୍ର ସାହୁ ଓ ଚିତ୍ତରଞ୍ଜନ ଦ୍ବିବେଦୀଙ୍କ ସମେତ କାମାକ୍ଷାନଗର ବ୍ଲକ ,ବିନୟ କୁମାର ଦାସ ଓ ନିର୍ମଳ ଗତନାୟକଙ୍କ ସମେତ ପରଜଙ୍ଗ, ପାଣ୍ଡବ ଚରଣ ଦାସ ଓ କୃଷ୍ଣ ଚନ୍ଦ୍ର ସାହୁ ସମେତ କଙ୍କଡାହାଡ଼ , କୃଷ୍ଣଚନ୍ଦ୍ର ସାହୁ ଓ ଉଦୟ ପ୍ରଧାନ ଦୀପେନ ହୋତା ସମେତ ଭୁବନ ବ୍ଲକ ଓ ଦୁଷ୍ମନ୍ତ ମହାନ୍ତି,ପ୍ରଫୁଲ୍ଲ ମହାନ୍ତି, ପ୍ରଦୀପ ଧୀର ପ୍ରମୁଖ ସାମ୍ବାଦିକ ମାନେ ଅଂଶ ଗ୍ରହଣ କରି ନିଜର ମତାମତ ରଖିଥିଲେ । ଶେଷରେ ସଙ୍ଘର ସହ ସହସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

—x—

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।

୧୬/୧୧/୨୦୨୦

ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ